ସ୍ୱାଗତଂ ଓଡ଼ିଶା

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

ଦୁମାଣୀ ଖବର

Dumani Khabar (Odia Daily)

Visit us: www.dumanikhabar.in • e-paper.dumanikhabar.in

DUMANI TV

Follow us: YouTube

ବର୍ଷ-୫ | ସଂଖ୍ୟା-୩୬୩ | ଶୁକ୍ରବାର | ୨୧ ମାର୍ଚ୍ଚ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-5 | Issue-363 | Friday | 21 March 2025 | Bhubaneswar | Pages-8 | Rs. 2.00

ବାଚସ୍ପତିଙ୍କ ସହିତ ପଖାଳ ଖାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୩ (ଡିକେ ନ୍ୟୁଜ୍): ଗୁରୁବାର ହେଉଛି ପଖାଳ ଦିବସ। ଓଡିଆର ପ୍ରତିଟି ଘରେ ଏହି ପଖାଳ ବେଶ ଲୋକପ୍ରିୟ। କାରଣ ଖରାଦିନରେ ପଖାଳଗଣ୍ଡେ ପେଟରେ ପଶିଗଲେ ଆଉ ଚିନ୍ତା ନାହିଁ। ଏହି ପଖାଳକୁ ଲୋକପ୍ରିୟ କରିବା ପାଇଁ ପ୍ରତି ବର୍ଷ ମାର୍ଚ୍ଚ ୨୦ ତାରିଖରେ ପାଳନ ହେଉଛି ପଖାଳ ଦିବସ। ଗୁରୁବାର ଘରେ ଘରେ ସମସ୍ତେ ପଖାଳ ଖାଇ ଆନନ୍ଦ ନେବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଧାନସଭା ପରିସରରେ ମଧ୍ୟ ପଖାଳ ଦିବସ ପାଳନ ହୋଇଛି। ବାଚସ୍ପତି ସୁରମା ପାଢୀଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ଅନ୍ୟମନ୍ତ୍ରୀ ପଖାଳ ଖାଇଛନ୍ତି। ସମସ୍ତଙ୍କୁ କଂସା ବାସନରେ ପରଶାଯାଇଛି ଏହି ପଖାଳ। କଂସା ବେଳାରେ ରହିଛି ପଖାଳ ଆଉ ତା ଭିତରେ ପଡିଛି • ପୃଷ୍ଠା ୭ ଦେଖନ୍ତୁ...

ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲେ ଦିଲ୍ଲୀପ ରାୟ

ଭୁବନେଶ୍ୱର, ୨୦।୩ (ଡିକେ ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଦିଲ୍ଲୀପ ରାୟ ଭେଟିଛନ୍ତି। ଏହି ଅବସରରେ ଶ୍ରୀ ରାୟ ଓଡ଼ିଶା ଓ ରାଉରକେଲାର ବିକାଶ ପାଇଁ ଏକାଧିକ ପ୍ରସଙ୍ଗ ଉଠାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଏହି ସୂଚନା ଦେଇଛନ୍ତି। ଶ୍ରୀ ରାୟ ବିଭିନ୍ନ ପ୍ରସଙ୍ଗକୁ ଭିତି କରି ଏକ ଚିଠିରେ ଦାବି ଉଲ୍ଲେଖ କରିଛନ୍ତି। ଏଥି ସହିତ ସେ ତାଙ୍କର ଦାବି ପୂରା ହେବ ବୋଲି ଆଶା କରାଛନ୍ତି। ପୂର୍ବତଟ ରେଳପଥ ଅଧୀନରେ ରାଉରକେଲା ଠାରେ ଏକ ନୂତନ ରେଳ ଡିଭିଜନ ପ୍ରତିଷ୍ଠା ପାଇଁ ଦିଲୀପ ରାୟ ତାଙ୍କର ଦାବିରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜଣାଇଛନ୍ତି। ରେଳବାଇର ରାଜସ୍ୱ ବୃଦ୍ଧିରେ ରାଉରକେଲା ଓ ଏହାର ପଡ଼ୋଶୀ ଜିଲ୍ଲାଗୁଡ଼ିକର ବଡ଼ ଯୋଗଦାନ ରହିଛି। ଯାତ୍ରୀ ସେବା ଓ ଭିତିଭୂମିକୁ ଦୃଷ୍ଟିରେ ରଖି ରାଉରକେଲା ଠାରେ ରେଳ ଡିଭିଜନ୍‌ର ଆବଶ୍ୟକତା ରହିଛି। ଏତଦ୍ ବ୍ୟତୀତ ରାଉରକେଲା ଠାରେ ନୂଆ ରେଳ ଡିଭିଜନ ପ୍ରତିଷ୍ଠା ହେବା ଦ୍ୱାରା ଭଲ ପ୍ରଶାସନ, ସଂଯୋଗୀକରଣ ଓ ଖଣି ଅଂଚଳର ବିକାଶ ହୋଇପାରିବ। ଶ୍ରୀ ରାୟ ତାଙ୍କର ଦାବିରେ ସେଲ୍ (ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଡେଟ୍) ଅଧୀନରେ ପରିଚାଳିତ ରାଉରକେଲା ଷ୍ଟିଲ୍ ପ୍ଲାଂଟର ସଂପ୍ରସାରଣ କଥା ଉଠାଇଛନ୍ତି। ଏଥିରେ ସେ କହିଛନ୍ତି ଜମି ସଂପର୍କିତ ସମସ୍ୟା ପାଇଁ ଆରଏସ୍‌ପିର • ପୃଷ୍ଠା ୭ ଦେଖନ୍ତୁ...

ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କଲେ କେନ୍ଦ୍ର ଦକ୍ଷତା ବିକାଶ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧରୀ

ଭୁବନେଶ୍ୱର, ୨୦।୩ (ଡିକେ ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗୁରୁବାର ଲୋକସେବା ଭବନ ଠାରେ କେନ୍ଦ୍ର ଦକ୍ଷତା ବିକାଶ ଓ ଔଦ୍ୟୋଗିକତା ତଥା ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧରୀ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଛନ୍ତି। ବୈଠକରେ ଓଡ଼ିଶାରେ ଅଧିକ ଦକ୍ଷତା ବିକାଶ କେନ୍ଦ୍ର ଖୋଲିବା ସମ୍ପର୍କରେ ଆଲୋଚନା ହୋଇଥିଲା । କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ବଜେଟରେ ଦକ୍ଷତା ବିକାଶ କ୍ଷେତ୍ରରେ ୫ଟି ସେଂଟର ଅଫ୍ ଏକ୍ସେଲେନ୍‌ସର ପ୍ରାବଧାନ ରଖାଯାଇଛି। ସେଥିରୁ ଗୋଟିଏ ଓଡ଼ିଶାରେ ଖୋଲାଯିବ ବୋଲି ସେ ସୂଚନା ଦେଇଥିଲେ । ଏହି ବୈଠକରେ ଓଡ଼ିଶାର ଆଇଟିଆଇ ଗୁଡ଼ିକୁ ଅଧିକ ସୁଦୃଢ଼ କରିବା, ଆହୁରି ଅଧିକ 'ବିଶ୍ୱ ଦକ୍ଷତା କେନ୍ଦ୍ର' ସ୍ଥାପନ, ଦକ୍ଷତା ବିକାଶ ଶିକ୍ଷାର୍ଥୀଙ୍କ ପାଇଁ ମଲ୍ଟି ଲାଙ୍ଗୁଏଜ ଟ୍ରେନିଂ ସେଂଟର, ଜନଜାତି ବହୁଳ ଅଂଚଳରେ ଯୁବଗୋଷ୍ଠୀଙ୍କ ଦକ୍ଷତା ବିକାଶ ପାଇଁ ପିଏମ୍-ଜନମନ୍ ଯୋଜନାରେ ଆଇଟିଆଇକୁ ଅନ୍ତର୍ଭୁକ୍ତ କରିବା ଉପରେ ଆଲୋଚନା • ପୃଷ୍ଠା ୭ ଦେଖନ୍ତୁ...

୨୨ରେ ସ୍ୱର୍ଗତଃ ଡା.ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳୀ ସଭା

ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୨୦।୩ (ଡିକେ ନ୍ୟୁଜ୍): ବିଶିଷ୍ଟ ରାଜନେତା, ବିଜେପିର ପୂର୍ବତନ ରାଜ୍ୟ ସଭାପତି, ରାଷ୍ଟ୍ରୀୟ ଉପସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ଗତ ୧୭ ତାରିଖ ଦିନ ୮୩ ବର୍ଷ ବୟସରେ ଦିଲ୍ଲୀଠାରେ ଦେହାନ୍ତ ହୋଇଛି। ଆସନ୍ତା ୨୨ ତାରିଖ ସଂଧ୍ୟା ୫ଟାରେ ସ୍ୱର୍ଗତଃ ଡା.ପ୍ରଧାନଙ୍କ ସ୍ମୃତିରେ ଏକ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳୀ ସଭା ଭୁବନେଶ୍ୱର ଓୟୁଏଟି ବିଶ୍ୱବିଦ୍ୟାଳୟ ପରିସରରେ ଥିବା କୃଷି ଶିକ୍ଷା ସଦନ ଠାରେ ଅନୁଷ୍ଠିତ ହେବ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ। ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ରାଜ୍ୟ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ, ବିଧାୟକ, ବରିଷ୍ଠ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ। ବିଜେଡି, କଂଗ୍ରେସ, କମ୍ୟୁନିଷ୍ଟ, ଆପ୍ ଦଳର ବରିଷ୍ଠ ଓ ପ୍ରମୁଖ ନେତୃବୃନ୍ଦଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନ, ଧାର୍ମିକ ସଂଗଠନ, ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ସାମ୍ବାଦିକ, ଡାକ୍ତର, ଅଧିବକ୍ତାମାନେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ସ୍ମୃତିଚାରଣ କରିବାକୁ ନିମନ୍ତ୍ରଣ କରାଯାଇଛି। ଏହି ଅବସରରେ ଗୁରୁବାର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ପୂର୍ବତନ ରାଜ୍ୟ • ପୃଷ୍ଠା ୭ ଦେଖନ୍ତୁ...

୧୪ ଜିଲ୍ଲାକୁ କାଳବୈଶାଖୀ ୱାର୍ଣ୍ଣିଂ: ବଜ୍ରପାତ ସହ କୁଆପଥର ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୦।୩ (ଡିକେ ନ୍ୟୁଜ୍): ଶୁକ୍ରବାରଠୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଏଥିପାଇଁ ୧୪ ଜିଲ୍ଲାକୁ ୱାର୍ଣ୍ଣିଂ କରିଛି ଆଞ୍ଚଳିକ ପାଣିପାଗ ବିଭାଗୟ ୪ ଜିଲ୍ଲା ପାଇଁ ଅରେଞ୍ଜ, ୧୦ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। କାଳବୈଶାଖୀ ବେଳେ ବର୍ଷା, ପବନ, ବିଜୁଳି ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ଏପରିକି କିଛି ସ୍ଥାନରେ କୁଆପଥର ବର୍ଷା ହୋଇପାରେ। ତେବେ ଆସନ୍ତା ୨୪ ଯାଏଁ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରୀ କରିଛି ପାଣିପାଗ ବିଭାଗ। ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜସ ବାଲେଶ୍ୱର, କେଉଁଝର, ସୁନ୍ଦରଗଡ। ସେହିପରି ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଜିଲ୍ଲା ଗୁଡିକ ହେଲା ଝାରସୁଗୁଡା, ସମ୍ବଲପୁର, ଦେଓଗଡ, ଅନୁଗୁଳ, ଢେଙ୍କାନାଳ, ଭଦ୍ରକ, ବରଗଡ, ସୋନପୁର, ବୌଦ୍ଧ ଓ ଯାଜପୁର। ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଛି। ଏଥିସହ କେତେକ ସ୍ଥାନରେ ପବନର ବେଗ ଘଣ୍ଟାପ୍ରତି ୫୦-୬୦ କିଲୋମିଟର ରହିବ ବୋଲି ସୂଚନା ଦେଇଛି ପାଣିପାଗ କେନ୍ଦ୍ର। ସେହିପରି ଶୁକ୍ରବାର ୫ ଜିଲ୍ଲାରେ ବିଜୁଳି ଘଡଘଡି ଜନିତ ବର୍ଷା ନେଇ ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ, ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାରେ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଦେଓଗଡ, ଅନୁଗୁଳ, ଢେଙ୍କାନାଳ, ଜାଜପୁର, ବାଲେଶ୍ୱର, ଭଦ୍ରକ, ନୂଆପଡା, ବଲାଙ୍ଗିର, ବରଗଡ, ସୋନପୁର, ବୌଦ୍ଧ, କଟକ, କେନ୍ଦ୍ରାପଡା, ଜଗତସିଂହପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏଭଳି ପାଗ ଆସନ୍ତା ୨୪ ତାରିଖ ଯାଏଁ ଚାଲିବ। ସେପଟେ ପାଣିପାଗ ବିଶେଷଜ୍ଞ କହିଛନ୍ତି ବାୟୁମଣ୍ଡଳ • ପୃଷ୍ଠା ୭ ଦେଖନ୍ତୁ...

ଅପ୍ରେଲ୍ ୧ରୁ ଭୁବନେଶ୍ୱରରୁ ଗୋଆ ବିମାନ ଚଳାଚଳ ଆରମ୍ଭ

ଭୁବନେଶ୍ୱର, ୨୦।୩ (ଡିକେ ନ୍ୟୁଜ୍): ଆସନ୍ତା ଅପ୍ରେଲ୍ ୧ ତାରିଖ ଠାରୁ ଓଡ଼ିଶାରୁ ଗୋଆକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ଭୁବନେଶ୍ୱରରୁ ଗୋଆକୁ ବିମାନ ସଂଯୋଗୀକରଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରିଛନ୍ତି। ରାଜ୍ୟ ସରକାରଙ୍କ ନ୍ୟୁ ଡେଷ୍ଟିନେସନ୍ ପଲିସି ଅନୁଯାୟୀ ଭୁବନେଶ୍ୱରରୁ ଗୋଆକୁ ବିମାନ ଚଳାଚଳ କରିବ। ଆସନ୍ତା ଅପ୍ରେଲ୍ ୧ ତାରିଖ ଠାରୁ ଭୁବନେଶ୍ୱରରୁ ଗୋଆକୁ ପ୍ରତି ମଙ୍ଗଳବାର, ବୁଧବାର, ଗୁରୁବାର ଓ ଶନିବାର ଦିନ ବିମାନ ଚଳାଚଳ କରିବ। ଘରୋଇ ବିମାନ କଂପାନି 'ଇଣ୍ଡିଗୋ'ରେ ଭୁବନେଶ୍ୱରରୁ ବିମାନଯାତ୍ରୀମାନେ ଗୋଆ ଯାଇପାରିବେ। ଭୁବନେଶ୍ୱର ଗୋଆ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଫଳରେ ଉଭୟ ପର୍ଯ୍ୟଟନ ଓ ଶିଳ୍ପ ବିକାଶରେ ସହାୟକ ହେବ।

ଆଜିଠୁ ସକାଳୁଆ ସ୍କୁଲ

ଭୁବନେଶ୍ୱର, ୨୦।୩ (ଡିକେ ନ୍ୟୁଜ୍): ରାଜ୍ୟରେ କ୍ରମାଗତ ତାପମାତ୍ରା ବୃଦ୍ଧି ପାଉଛି। ପିଲାମାନେ ଖରା ସମୟରେ ସ୍କୁଲ ଯାଇ ପାଠପଢ଼ିବା ସମ୍ଭବ ହେଉନାହିଁ। ତେଣୁ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲ ସମୟ ପରିବର୍ତ୍ତନ କରିଛନ୍ତି। ଶୁକ୍ରବାରଠାରୁ ସକାଳୁଆ ସ୍କୁଲ ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି। ସକାଳ ୬ଟା ୩୦ରୁ ଆରମ୍ଭ ହେବ ସ୍କୁଲ ୧୦ଟା ୩୦ରେ ସରିବ। ଏହା ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଲାଗୁ କରାଯାଇଛି। ଏହାପୂର୍ବରୁ ଆସନ୍ତା ଏପ୍ରିଲ ୨ରୁ ବିଦ୍ୟାଳୟଗୁଡିକରେ ପାଠପଢ଼ା ସକାଳୁ ଆରମ୍ଭ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଥିଲେ। ଏହି ସମୟରେ ସ୍କୁଲରେ ସୁରକ୍ଷିତ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ ମହଜୁଦ ରଖିବା ସହ ଅନ୍ୟ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାପାଳମାନେ ନିଜ ଜିଲ୍ଲାର ପାଣିପାଗ ସ୍ଥିତିକୁ ଦେଖି ବିଦ୍ୟାଳୟ ଖୋଲିବା ନିଷ୍ପତ୍ତି ନେଇପାରିବେ ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ସକାଳ ୭ଟାରୁ ୯ଟା ଯାଏ ଖୋଲା ରଖିବାକୁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ଆବଶ୍ୟକସ୍ଥଳେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ହେଲେ ନିଜ ଜିଲ୍ଲାର ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଜିଲାପାଳମାନେ ଛୁଟି ଘୋଷଣା କରିପାରିବେ ବୋଲି ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ସକାଳ ୭ରୁ ଖୋଲିବା ପାଇଁ ବିଭାଗ ପକ୍ଷରୁ ପୂର୍ବରୁ ମଧ୍ୟ ସବୁ ଜିଲାପାଳଙ୍କୁ ପତ୍ର ଜରିଆରେ ନିର୍ଦ୍ଦେଶ ଦିଆଯାଇଥିଲା।

ନକ୍ସଲ ମୁକ୍ତ ଭାରତ ଅଭିଯାନକୁ ବଡ଼ ସଫଳତା

ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଲେ ୩୦ ମାଓବାଦୀ

ମାଓବାଦୀମୁକ୍ତ ହେବ ଭାରତ: ଶାହା

ନୂଆଦିଲ୍ଲୀ, ୨୦।୩ (ହି.ସ): ଛତିଶଗଡ଼ରେ ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଛି। ଗୁରୁବାର ବିଜାପୁର-ଦନ୍ତେୱାଡା ସୀମାରେ ସୁରକ୍ଷା ବାହିନୀ ୩୦ ଜଣ ମାଓବାଦୀଙ୍କୁ ହତ୍ୟା କରିଛନ୍ତି। ଏହି ଅବସରରେ ଗୃହମନ୍ତ୍ରୀ ଅମିତ ଶାହା ଭାରତକୁ ମାଓବାଦୀମୁକ୍ତ କରିବା ସମ୍ପର୍କରେ ଏକ ବଡ଼ ବୟାନ ଦେଇଛନ୍ତି। ଗୃହମନ୍ତ୍ରୀ କହିଛନ୍ତି ଯେ ଆସନ୍ତା ବର୍ଷ ମାର୍ଚ୍ଚ ୩୧ ପୂର୍ବରୁ ଦେଶ ମାଓବାଦୀ ମୁକ୍ତ ହୋଇଯିବ। ଛତିଶଗଡ଼ର ଗଙ୍ଗାଲୁର ପିଏସ୍ ସୀମା ନିକଟରେ ବିଜାପୁର-ଦନ୍ତେୱାଡା ସୀମାରେ ଗୁରୁବାର ସକାଳ ୭ଟାରୁ ସୁରକ୍ଷା ବାହିନୀ ଏବଂ ନକ୍ସଲ ମଧ୍ୟରେ ଏନକାଉଣ୍ଟର ଚାଲିଥିଲା। ଉଭୟ ପାର୍ଶ୍ୱରୁ ଗୁଳିଚାଳନା ଚାଲିଥିଲା, ଏହି ସମୟରେ ସୁରକ୍ଷା ବାହିନୀ ଏନକାଉଣ୍ଟରରେ ୩୦ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ସୁରକ୍ଷା ବାହିନୀର ଏହି ବଡ଼ ସଫଳତା ଅବସରରେ ଗୃହମନ୍ତ୍ରୀ ଅମିତ ଶାହା ସୋସିଆଲ ମିଡିଆ ହ୍ୟାଣ୍ଡେଲ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି, ଆଜି ଆମର ଯବାନମାନେ ମାଓବାଦୀମୁକ୍ତ ଭାରତ ଅଭିଯାନ ଦିଗରେ ଆଉ ଏକ ବଡ଼ ସଫଳତା ହାସଲ କରିଛନ୍ତି। ଛତିଶଗଡ଼ର ବିଜାପୁର ଏବଂ କାଙ୍କେରରେ ଆମ ସୁରକ୍ଷା ବାହିନୀର ଦୁଇଟି ପୃଥକ ଅପରେଶନରେ ୩୦ ଜଣ ମାଓବାଦୀ ନିହତ ହୋଇଛନ୍ତି। ଅମିତ ଶାହା ଆହୁରି କହିଛନ୍ତି, ମୋଦି ସରକାର ମାଓବାଦୀଙ୍କ ବିରୋଧରେ କଠୋର ଆଭିମୁଖ୍ୟ ନେଇ ଆଗକୁ ବଢୁଛନ୍ତି ଏବଂ ଆତ୍ମସମର୍ପଣ ଠାରୁ ଆରମ୍ଭ କରି ଅନ୍ତର୍ଭୁକ୍ତିକରଣ ପର୍ଯ୍ୟନ୍ତ ସମସ୍ତ ସୁବିଧା ସତ୍ତ୍ୱେ ଆତ୍ମସମର୍ପଣ କରୁନଥିବା • ପୃଷ୍ଠା ୭ ଦେଖନ୍ତୁ...

ବିଜାପୁର, ୨୦।୩ (ହି.ସ): ନକ୍ସଲଙ୍କ ବିରୋଧରେ ଆରପାର ଲଢ଼େଇ ଆରମ୍ଭ ହୋଇଯାଇଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବା ପାଇଁ କେନ୍ଦ୍ର ସରକାର କରିଥିବା ପଣ ଦିଗରେ ସୁରକ୍ଷାକର୍ମୀ ଆଉ ପାଦେ ଆଗେଇଛନ୍ତି। ଛତିଶଗଡ଼ର ଦୁଇଟି ସ୍ଥାନରେ ଚାଲିଥିବା ଅପରେସନକୁ ମିଳିଛି ବଡ଼ ସଫଳତା। ରାଜ୍ୟର ପୋଲିସ୍ ଓ ଅର୍ଦ୍ଧ ସାମରିକ ବାହିନୀ ବେଶ ଚମତ୍କାର ଢଙ୍ଗରେ ଅପରେସନ କରି ୩୦ କୁଖ୍ୟାତ ନକ୍ସଲଙ୍କ ମୁଣ୍ଡ ଗଡ଼ାଇଛନ୍ତି। ବିଜାପୁର ଓ କାଙ୍କେରରେ ହୋଇଥିବା ଅପରେସନରେ ଛତିଶଗଡ଼ ଜିଲ୍ଲା ରିଜର୍ଭ ଗାର୍ଡ ବା ଡିଆରଜିର ଜଣେ ଯବାନ ମଧ୍ୟ ସହିଦ ହୋଇଛନ୍ତି। ଏହାପୂର୍ବରୁ ଫେବୃଆରୀ ୯ରେ ଓଡ଼ିଶା-ଛତିଶଗଡ଼ ସୀମାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩୧ ଜଣ ନକ୍ସଲ ନିପାତ ହୋଇଥିଲେ। ଏବେ ମାସକ ପରେ ସୁରକ୍ଷାକର୍ମୀଙ୍କୁ ପୁଣି ସଫଳତା ମିଳିଛି। ବିଜାପୁର-ଦାନ୍ତେୱାଲା ସୀମା ଗଙ୍ଗାଲୁର ସ୍ଥିତ ଜଙ୍ଗଲରେ ହୋଇଥିବା ଗୁଳି ବିନିମୟରେ ୨୬ ଜଣ ନକ୍ସଲ ପ୍ରାଣ ହରାଇଛନ୍ତି। ଏଠାରେ ସକାଳ ୭ଟାରୁ ଏନକାଉଣ୍ଟର ଆରମ୍ଭ ହୋଇଥିଲା। ସୁରକ୍ଷାକର୍ମୀମାନେ ଏଠାରେ ନକ୍ସଲ ବିରୋଧୀ ଅପରେସନ ଜାରି ରଖିଥିଲେ। ଏହି ସମୟରେ ମାଓବାଦୀମାନେ ଗୁଳିମାଡ଼ କରିଥିଲେ। ସୁରକ୍ଷାକର୍ମୀଙ୍କ ପକ୍ଷରୁ ମଧ୍ୟ ଏହାର ଜବାବ ଦିଆଯାଇଥିଲା। ଉଭୟ ପକ୍ଷ ମଧ୍ୟରେ ବେଶ କିଛି ଘଣ୍ଟା ଧରି ପ୍ରବଳ ଗୁଳି ବିନିମୟ ହୋଇଥିଲା। ଗୁଳି ବିନିମୟ ସାମନ୍ୟ ଥମିବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ କରାଯାଇଥିଲା। ଏତିକି ବେଳେ ଏନକାଉଣ୍ଟର ସ୍ଥଳରୁ ୪ ଜଣ ନକ୍ସଲଙ୍କ ମୃତଦେହ ମିଳିଛି। ସେହିପରି ସେମାନଙ୍କ ଠାରୁ ବିପୁଳ ପରିମାଣର ଗୁଳିଗୋଳା ଓ ଅନ୍ୟାନ୍ୟ ଆପତ୍ତିଜନକ ଜିନିଷ ଜବତ କରାଯାଇଥିବା ବିଜାପୁର ପୋଲିସ୍ ନିଶ୍ଚିତ କରିଛି। ଜଣେ ପୋଲିସ୍ ଅଧିକାରୀ କହିଛନ୍ତି, ବିଜାପୁର-ଦାନ୍ତେୱାଡା ସୀମାର ଜଙ୍ଗଲ ଅଞ୍ଚଳରେ ଏବେ ବି ସୁରକ୍ଷାକର୍ମୀ ଓ ନକ୍ସଲଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଛି। ବର୍ତ୍ତମାନ ସୁଦ୍ଧା ୨୬ ଜଣ ନକ୍ସଲଙ୍କ ମୃତଦେହ ସହ ବିପୁଳ ପରିମାଣର ଅସ୍ତ୍